ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୨୯

ବୁଲେଟିନ ନମ୍ବର :୫୭
ତାରିଖ : ୧୮.୦୭.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୨.୦୭.୨୦୨୫ ରୁ ୧୮.୦୭.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୬୮.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୪-୩୫.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୪.୯-୨୭.୬ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୩.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 19-07-2025 | 3 | 33 | 26 | 4 | 90 | 56 | 3 | 166 |
| 20-07-2025 | 5 | 33 | 26 | 4 | 90 | 56 | 2 | 191 |
| 21-07-2025 | 5 | 34 | 26 | 4 | 87 | 57 | 2 | 127 |
| 22-07-2025 | 4 | 34 | 27 | 4 | 86 | 57 | 2 | 108 |
| 23-07-2025 | 5 | 34 | 27 | 5 | 88 | 59 | 4 | 294 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**
ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୨-୦୪ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୩-୩୪ ଡି.ସେ. ମଧରେ ଓ ସର୍ବନିମ୍ନ ତାପମାତ୍ରା ୨୬-୨୭ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୬ ରୁ ୯୦ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୬-୫୯ ପ୍ରତିଶତ ମଧରେ ରହିବ ।

**ହଳଦିଆ ଚେତାବନୀ: (ସଚେତନ ରୁହ)** ଆସନ୍ତା ୧୯ ରୁ ୨୩ ତାରିଖ ମଧରେ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

**ଆଗାମୀ ୨ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**
ପ୍ରଥମ ସପ୍ତାହ: (୧୮ଜୁଲାଇ ରୁ ୨୪ଜୁଲାଇ ୨୦୨୫)
ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।
ଦ୍ୱିତୀୟ ସପ୍ତାହ: (୨୫ଜୁଲାଇ ରୁ ୩୧ଜୁଲାଇ ୨୦୨୫)
ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ମୋଟ ଉପରେ ସ୍ୱାଭାବିକ ଠାରୁ ସାମାନ୍ୟ ଅଧିକ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ବର୍ତମାନ ପାଗରେ ଚିନାବାଦାମ, ରାଶି, ମୁଗ, ବିରି, ଝୁଡଙ୍ଗ ଓ ମଣ୍ଡିଆ ଆଦି ବୁଣି ପାରିବେ ।
- ଆଗକୁ ସ୍ୱଳ୍ପ ବର୍ଷା ହେବାର ସମ୍ଭବନା ଥିବାରୁ, ଚାଷୀ ଭାଇ ମାନେ ପାଣିପାଗ ପୂର୍ବନୁମାନକୁ ଦୃଷ୍ଟିରେ ରଖି, ସାର ଓ କୀଟନାଶକ ପ୍ରୟୋଗ କରନ୍ତୁ ।
- ବର୍ତମାନ ସକ୍ରିୟ ମୌସୁମୀ ଜନିତ ଭଲ ବର୍ଷା ହୋଇଥିବାରୁ ଧାନ ତଳି ୨୧-୨୫ ଦିନ ହୋଇଯାଇଥିଲେ ବିଳମ୍ବ ନକରି ଧାନ ରୁଆ କାର୍ଯ୍ୟ ଆରମ୍ଭ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ତଳି | • ୨୧ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ |

| | | |
|---|---|---|
| | ଅବସ୍ଥା | ରଖି ବୁଦା ପ୍ରତି ୨-୩ ଟି ତାଳି ଲଗାନ୍ତୁ ।<br>• ଧାନ ରୋଇବାର ୩ଦିନ ମଧ୍ୟରେ ଏକର ପ୍ରତି ୬୦୦-ମି.ଲି. Pretilachlor ଘାସମରା ଔଷଧ କିମ୍ବା ୫୦ଗ୍ରାମ Oxadiargyl କିମ୍ବା ୮0-ଗ୍ରାମ Pyrazosulfuron Ethyl ପ୍ରୟୋଗ କରନ୍ତୁ । ମନେରଖନ୍ତୁ ଘାସମରା ଔଷଧକୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କେଜି ବାଲିରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରନ୍ତୁ। |
| ଆଖୁ | ଅଭିବୃଦ୍ଧି ଅବସ୍ଥା | • ଆଖୁ ଗଛ ୪-୫ ମାସର ହୋଇଗଲେ କାଣ୍ଡ ବିନ୍ଧାପୋକ ଦ୍ୱାରା ଆକ୍ରାନ୍ତ ପିଲ ଏବଂ  ବିଳମ୍ବରେ ଆସିଥିବା ପିଲ ଗୁଡିକୁ ବାହାର କରି ତଳ ଶୁଖିଲା ପାତ୍ରକୁ କାଢି ୨-୩ଟି ଆଖୁ ଏକାଠିବାନ୍ଧି ଦିଅନ୍ତୁ। |
| ମାଣ୍ଡିଆ | ତଳିଘେରା ଅବସ୍ଥା | • ମାଣ୍ଡିଆ ବୁଣିବା ପୂର୍ବରୁ ଶେଷ ଓଡ ଚାଷ ବେଳକୁ ଏକର ପ୍ରତି ୨ ଟନ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ ।<br>• ଅଣଜଳସେଚିତ ଜମି ପାଇଁ ଏକର ପ୍ରତି ୧୭ କେଜି DAP, ୧୪କେଜି ୟୁରିଆ, ୧୩ କେଜି ପଟାସ ଓ ଜଳ ସେଚିତ ଜମି ପାଇଁ  ୨୭ କେଜି DAP, ୨୧କେଜି ୟୁରିଆ, ୨୦ କେଜି ପଟାସ ସାର ବୁଣିବା କିମ୍ବା ରୋଇବା ସମୟରେ ପ୍ରୟୋଗ କରନ୍ତୁ । |
| ରାଶି | ବୁଣିବା ଅବସ୍ଥା | • ଚାଷୀ ଭାଇ ମାନେ ବର୍ତମାନ ରାଶି ବୁଣି ପାରିବେ । ୧ ରୁ ୧.୨ କିଲୋଗ୍ରାମ ବିହନ, ପ୍ରତି ଏକର ବ୍ୟବହାର କରନ୍ତୁ ।<br>• ବିହନ ବୁଣିବା ପୂର୍ବରୁ 3 ଗ୍ରାମ ସେରେସାନ, ପ୍ରତି କିଲୋଗ୍ରାମ ବିହନ ସହିତ ବିଶୋଧନ କରାନ୍ତୁ \| ଶେଷ<br>• ଜମି ପ୍ରସ୍ତୁତି ସମୟରେ ୬:୮:୮ କିଲୋଗ୍ରାମ ଯବକ୍ଷାରଜାନ, ଫୋସଫରସ ଏବଂ ପଟାଶ ପ୍ରତି ଏକର ପ୍ରୟୋଗ କରନ୍ତୁ ।<br>• ବୁଣିବା ସମୟ ରେ ଧାଡି ମଧ୍ୟରେ ୩୦ ସେ.ମି ବ୍ୟବଧାନ ଏବଂ ଗଛ ମଧ୍ୟରେ ୧୦ ସେ.ମି ବ୍ୟବଧାନ ରଖନ୍ତୁ । |
| ଚିନାବାଦାମ | ବୁଣିବା ଅବସ୍ଥା | • ଧବଳ ଭୃଙ୍ଗ କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ଶେଷ ଓଡ ଚାଷ ସମୟରେ ମାଟିରେ ଏକ ପ୍ରତି ୧୦-୧୨କିଲୋଗ୍ରାମ Chlorpyriphos ଗୁଣ୍ଡବିଷ ମିଶାଇ ଦିଅନ୍ତୁ କିମ୍ବା ସିଆରରେ ମଞ୍ଜି ପକାଇ ସାରି ତାଉପରେ ଏହି ଗୁଣ୍ଡ ବିଷ ପକାଇ ମାଟି ଘୋଡାଇ ଦିଅନ୍ତୁ।<br>• ପ୍ରତି ବଦଳରେ ମଞ୍ଜିକୁ କିଲୋଗ୍ରାମ ପ୍ରତି ୧୨ମିଲି Chlorpyriphos କିମ୍ବା ୨ମିଲି Imidaclopridରେ ବିଶୋଧନକରନ୍ତୁ ।<br>• କିଆରି ନିକଟରେ ଖତ ଗଦା ରଖନ୍ତୁ ନାହିଁ। ଫସଲକୁ ନିୟମିତ ପର୍ଯ୍ୟବେକ୍ଷଣ କରନ୍ତୁ । |
| ଅମୃତଭଣ୍ଡା | ଚାରା ରୋପଣ | • ବର୍ତ୍ତମାନ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ ।<br>• ହନିଡ୍ୟୁ, କୁର୍ଗ ହନି ଡ୍ୟୁ, କୋଏମ୍ବାଟୋର-୧, କୋଏମ୍ବାଟୋର-୨, ପୁଷା ଡେଲିସିଅସ, ପୁଷା ମେଜେଷ୍ଟିକ୍, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ ।<br>• ୨.୫ x ୨.୫ ମି ଦୂରତାରେ ୦.୫ x ୦.୫ x ୦.୫ ମିଟର ଗାତକରି ଗଛ ଲଗାନ୍ତୁ ।ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲଚର ତଳି ଲଗାନ୍ତୁ । |
| ଆମ୍ବ | ଚାରା ରୋପଣ | • ବର୍ତ୍ତମାନ ଆମ୍ବ ଲଗାଇବାର ଉପଯୁକ୍ତ ସମୟ । ବାଇଗଣପଲ୍ଲୀ, ତୋତାପରୀ, ବୋମ୍ବେ ଗ୍ରୀନ, ସୁବର୍ଣ୍ଣରେଖା, ନୀଲମ୍. ହିମସାଗର, ଲାଙ୍ଗ୍ରା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମଖେଳ, ରୁମାନି, ସିନ୍ଧୁ, ଆଲଫାନସୋ ଓ କେଶର ଇତ୍ୟାଦି କିସମ ଲଗାନ୍ତୁ ।<br>• ଶାଖା ନଥିବା କଲମି ଚରା କୁ ୧ x ୧ x ୧ମିଟର ଗାତ ରେ ୧୦ x ୧୦ମିଟର ବ୍ୟବଧାନ ରେ ରୋପଣ କରନ୍ତୁ । ଗଛ ଲଗାଇବା ପୂର୍ବ ରୁ ଯାବକ୍ଷାରଜନ : ଫସଫରସ: ପୋଟାସ ସାର କୁ ୮୦:୧୦୦:୭୦ ଗ୍ରାମ ଅନୁପାତ ରେ ଓ ୨ ଝୁଡି ଶଢା ଗୋବର ଖତ କୁ ଗାତ ପ୍ରତି ପ୍ରୟୋଗ କରନ୍ତୁ । |
| ବାଇଗଣ | ଚାରା ରୋପଣ ଅବସ୍ଥା | • ବର୍ଷା ପରେ ବାଇଗଣ ଫସଲରେ ତଳି ଘେରାରେ ଘେରାକଟା ରୋଗ ନହେବା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ୧କିଲୋଗ୍ରାମ ବିହନରେ ୪ଗ୍ରାମ Trichoderma asperellum କିମ୍ବା ୧୦ଗ୍ରାମ Pseudomonas fluorescens ମିଶାଇ ବିଶୋଧନ କରନ୍ତୁ ।<br>• ତଳିଘେରାରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଯେପରିକି ଠିଆ ପାଣି ଜମିରେ ନରୁହେ ।<br>• ଘେରାକଟା ରୋଗ ହୋଇ ତଳି ମାରିବା ଦେଖାଦେଲେ, ୧୦ ଲିଟର ପାଣିରେ ୨୦ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ ମିଶାଇ, ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ । |
| କନ୍ଦମୂଳ | ଲଗାଇବା ଅବସ୍ଥା | • ବର୍ତମାନ କନ୍ଦମୂଳ ଲଗାଇବା ପାଇଁ ଉପଯୁକ୍ତ ସମୟ ।<br>• ଗୌରୀ, ଭୁବନ ଶଙ୍ଖ, ପୁଷା ସଫେଦ ଓ ସମ୍ରାଟ ଆଦି କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ । ୬୦ସେମି ବ୍ୟାବଧାନରେ ହୁଡା ଟେକି ୧୦୦ ରୁ ୧୨୫ଗ୍ରାମ ଓଜନର ସୁସ୍ଥ ସବଳ କନ୍ଦମୂଳ ୨୫ ସେମି ବ୍ୟବଧାନରେ ଲଗାନ୍ତୁ । |
| ପଶୁ ପାଳନ | • ବର୍ଷା ଋତୁରେ ବାହ୍ୟ ପରଜୀବୀ ଯଥା ଟିଙ୍କ ଓ ଉକୁଣି ଆଦି ରୋକିବା ପାଇଁ ଗାଇ ଗୁହାଳକୁ ନିୟମିତ ଭାବେ ସଫା ସୁତରା ରଖନ୍ତୁ ।<br>• ଗୁହାଳରେ ପାଣି ଜମି ରହିଲେ ଗାଇ ମାନଙ୍କୁ ବର୍ଷା ଜନିତ ରୋଗ ହେବାର ସମ୍ଭାବନା ଅଛି ତେଣୁ ପର୍ଯ୍ୟାପ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ଷା ଦିନେ ଗାଇଗୋରୁ ମାନଙ୍କୁ ହଇଜା ଓ ଶ୍ୱାସ କ୍ରିୟା ଜନିତ ରୋଗ ହେବାର ସମ୍ଭାବନା ଅଛି । ତେଣୁ ନିୟମିତ ପର୍ଯ୍ୟବେକ୍ଷଣ କରି ଏହି ସବୁ ରୋଗର ଲକ୍ଷଣ ଦେଖିଲେ ନିକଟସ୍ଥ ପଶୁ ଡକ୍ଟରଙ୍କୁ ପରାମର୍ଶ କରନ୍ତୁ । | |

| | |
|---|---|
| କୁକୁଡା ପାଳନ | • ବର୍ଷା ଦିନେ କୁକୁଡା ଘର ଚାରିପାଖେ ପାଣି ଜମି ନରହିବା ପାଇଁ ଓ ମଶା ପ୍ରଜନନ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ଷା ଯୋଗୁଁ ଅସୁସ୍ଥତା ଓ କକ୍ସିଡିଓସିସ ରୋଗର ଲକ୍ଷଣ ଦେଖା ଦେଇପାରେ । ତେଣୁ କୁକୁଡା ମାନଙ୍କୁ ନିୟମିତ ପର୍ଯ୍ୟବେକ୍ଷଣ କରନ୍ତୁ । |
| ଛେଳି ପାଳନ | • ବର୍ଷା ଋତୁରେ ଛେଳି ମାନଙ୍କୁ Pestedespetits Ruminants (PPR) ଓ Enterotoxaemia (ET)ରୋଗ ହେବାର ସମ୍ଭାବନା ଅଛି । ଏଥି ପାଇଁ ଉଚିତ ଟୀକା କରଣ କରନ୍ତୁ । |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)